Booklet Sl. No.

No. of Questions : 50

No. of Printed Pages : 16

Secretary

# 2026

## ANNUAL

# Geography

## CLASS - X (HSC)

Roll No.

*Time : 1 Hour* — ସମୟ : ୧ ଘଣ୍ଟା

*Full Marks : 50* — ପୂର୍ଣ୍ଣ ସଂଖ୍ୟା : 50

**ନିରୀକ୍ଷକଙ୍କ ନିମନ୍ତେ ସୂଚନା**

ଏହି ବିଭାଗର ପରୀକ୍ଷା ଆରମ୍ଭରେ ଏହି ପ୍ରଶ୍ନ ପୁସ୍ତିକା (PART-I-OBJECTIVE) ଟିକୁ ପରୀକ୍ଷାର୍ଥୀମାନେ ହାତରେ ଦେବେ । ପରୀକ୍ଷା ଶେଷ ହେବା ପୂର୍ବରୁ ନିରୀକ୍ଷକମାନଙ୍କୁ ଫେରାଇ ଦେବା ନିଶ୍ଚିତ କରିବେ ।

**PART - I – OBJECTIVE - MCQ**

**OBJECTIVE QUESTION BOOKLET**

**AR - 17 – Geography**

**Geography - SOCIAL SCIENCE**

**SET : D**

**ପରୀକ୍ଷାର୍ଥୀଙ୍କ ନିମନ୍ତେ ସୂଚନା**

ଏହି ପ୍ରଶ୍ନ ପୁସ୍ତିକାରେ 50 ଟି ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ ଦିଆଯାଇଛି । ପ୍ରତ୍ୟେକ ପ୍ରଶ୍ନର ଉତ୍ତର OMR ପତ୍ରରେ ଥିବା ନିର୍ଦ୍ଦେଶାନୁସାରେ ଦେବା ଆବଶ୍ୟକ ।

## ଖ – ବିଭାଗ ( ଭୂଗୋଳ ଓ ଅର୍ଥନୀତି )
## Section – B ( Geography and Economics )

26. କେଉଁଟି ଦେଶର ସର୍ବପ୍ରଥମ ସମ୍ବାଦ ପତ୍ର ?

(A) ଦୈନିକ ସମାଚାର (B) ସମାଜ (C) ମୁମ୍ବାଇ ସମାଚାର (D) ଦି ହିନ୍ଦୁ

Which one is the first newspaper in India ?

(A) Dainik Samachar (B) Samaj
(C) Mumbai Samachar (D) The Hindu

27. ବିଜୁଳି ଓ ଘଡ଼ଘଡ଼ି କେଉଁ ମେଘସହ ସମ୍ପର୍କିତ ?

(A) ଅଳକ ମେଘ (B) କୃଷ୍ଣପୁଞ୍ଜ ମେଘ (C) ସ୍ତର ମେଘ (D) ସ୍ତରପୁଞ୍ଜ ମେଘ

With which cloud are the lightning and thunder associated ?

(A) Cirrous cloud (B) Cumulonimbus cloud
(C) Stratified cloud (D) Stratocumulous cloud

28. ୨୦୧୯ ମସିହାର 'ଫନି' ବାତ୍ୟା କେଉଁ ଜିଲ୍ଲାକୁ ବିଶେଷ ଭାବେ ପ୍ରଭାବିତ କରିଥିଲା ?

(A) ଗଞ୍ଜାମ (B) କୋରାପୁଟ (C) ଜଗତସିଂହପୁର (D) ପୁରୀ

Which district was mostly affected by cyclone 'Fani' in 2019 ?

(A) Ganjam (B) Koraput (C) Jagatsinghpur (D) Puri

29. କେଉଁ ମସିହାରେ ଭାରତ ବିଶ୍ୱ ବାଣିଜ୍ୟ ସଂଗଠନର ସଦସ୍ୟତା ଲାଭ କଲା ?

(A) ୧୯୯୫ (B) ୧୯୯୬ (C) ୧୯୯୭ (D) ୧୯୯୮

In which year did India become a member of World Trade Organisation ?

(A) 1995 (B) 1996 (C) 1997 (D) 1998

30. ସମୂହ ଚାହିଦା ମୋଟ୍ ଯୋଗାଣ ଠାରୁ ଅଧିକ ହେଲେ କେଉଁ ପ୍ରକାର ମୁଦ୍ରାସ୍ଫୀତି ଦେଖାଦିଏ ?

(A) ଯୋଗାଣ–ଅଭିଘାତ (B) ସାଧାରଣ (C) ମୂଲ୍ୟ ପ୍ରଣୋଦିତ (D) ଚାହିଦା ଆକର୍ଷଣ

Which type of inflation does occur when total demand surpasses total supply ?

(A) Supply-shock (B) Normal (C) Cost-push (D) Demand-pull

31. ଅଧିକ ଅମଳକ୍ଷମ. ବିହନ, ରାସାୟନିକ ସାର ଓ କୀଟନାଶକ ଔଷଧ ବ୍ୟବହାର କରି ଅଧିକ ଅର୍ଥ ଉତ୍ପାଦନ କରିବା କେଉଁ ପ୍ରକାର କୃଷିର ଉଦ୍ଦେଶ୍ୟ ?

(A) ପ୍ରୟୋଜନଭିତ୍ତିକ (B) ସ୍ଥାନାନ୍ତରିତ (C) ବାଣିଜ୍ୟିକ (D) ବ୍ୟାପକ

Generating more income by using high yielding variety of seeds, chemical fertilisers and pesticides is the purpose of which type of farming ?

(A) Subsistence (B) Shifting

(C) Commercial (D) Extensive

32. ଭାରତୀୟ ଉଦ୍ୟୋଗ ପୁଞ୍ଜ ସ୍କିମ୍ ମାଧ୍ୟମରେ କେଉଁ ଶିଳ୍ପ ବିକାଶ କରାଯାଉଛି ?

(A) ଲୌହ ଇସ୍ପାତ ଶିଳ୍ପ (B) କାର୍ପାସ ଶିଳ୍ପ (C) ବୃହତ୍ ଶିଳ୍ପ (D) କୁଟୀର ଶିଳ୍ପ

Which industry is being developed through the scheme entrepreneurship clusters in India ?

(A) Iron and steel industry (B) Cotton textile industry

(C) Large scale industry (D) Cottage industry

33. ନିମ୍ନୋକ୍ତ କେଉଁଟି କୃଷିଭିତ୍ତିକ ଶିଳ୍ପର ଏକ ଲକ୍ଷଣ ?

(A) ଖଣିଜ ପଦାର୍ଥ କଞ୍ଚାମାଲ ଭାବରେ ବ୍ୟବହୃତ ହୁଏ

(B) କେବଳ ବୃହତ୍ ସହରମାନଙ୍କରେ ଦେଖାଯାଏ

(C) କୃଷି ଉତ୍ପାଦନ ଉପରେ ନିର୍ଭରଶୀଳ

(D) କୁଶଳୀ କାରିଗର ଆବଶ୍ୟକ

Which among the following is a characteristic of agro-based industries ?

(A) Minerals are used as raw material

(B) Located only in big cities

(C) Dependent on agricultural products

(D) Requires only skilled labourers

34. ଗୋଟିଏ ଟନ୍ ଆଲୁମିନିୟମ୍ ଉତ୍ପାଦନ କରିବା ପାଇଁ ଅନ୍ତତଃ ପକ୍ଷେ କେତେ ବକ୍ସାଇଟ୍ ଆବଶ୍ୟକ ?

(A) ୫ ଟନ୍ (B) ୬ ଟନ୍ (C) ୭ ଟନ୍ (D) ୮ ଟନ୍

What is the minimum amount of bauxite required to produce one ton of aluminium ?

(A) 5 ton (B) 6 ton (C) 7 ton (D) 8 ton

35. ଉତ୍ତର–ଦକ୍ଷିଣ ଅଳିନ୍ଦ କେଉଁ ଦୁଇଟି ସହରକୁ ସଂଯୋଗ କରୁଛି ?

(A) ଶ୍ରୀନଗର–କନ୍ୟାକୁମାରୀ
(B) ଅମୃତସର–କନ୍ୟାକୁମାରୀ
(C) ଦିଲ୍ଲୀ–କନ୍ୟାକୁମାରୀ
(D) ଦିଲ୍ଲୀ–କୋଏମ୍ବାଟୁର୍

Which two cities are connected by North-South corridor ?

(A) Srinagar-Kanyakumari
(B) Amritsar-Kanyakumari
(C) Delhi-Kanyakumari
(D) Delhi-Coimbatore

36. କେଉଁଟି ଖାଉଟି ଶୋଷଣର ଏକ କାରଣ ନୁହେଁ ?

(A) ସ୍ୱଳ୍ପ ସାକ୍ଷରତା
(B) ସୀମିତ ତଥ୍ୟ
(C) ସୀମିତ ପ୍ରତିଯୋଗିତା
(D) ପ୍ରଚୁର ଯୋଗାଣ

Which is not a cause of consumer exploitation ?

(A) Low literacy
(B) Limited information
(C) Limited competition
(D) More supply

37. ନିମ୍ନୋକ୍ତ କେଉଁଟି ଦାରିଦ୍ର୍ୟର ଏକ କାରଣ ନୁହେଁ ?

(A) ଭୂମି ଓ ଅନ୍ୟାନ୍ୟ ସମ୍ପତ୍ତି ବଣ୍ଟନର ସମାନତା
(B) ଜନସଂଖ୍ୟାର ଉଚ୍ଚ ବୃଦ୍ଧିହାର
(C) ନିମ୍ନସ୍ତରର ଆୟ
(D) ସ୍ୱଳ୍ପ ଉତ୍ପାଦନଶୀଳତା

Which of the following is not a cause of poverty ?

(A) Equal distribution of land and other assets
(B) High growth of population
(C) Low level of income
(D) Low productivity

38. ପୁଞ୍ଜିର ଅଭାବଜନିତ ସୃଷ୍ଟ ବେକାରୀକୁ କ'ଣ କୁହାଯାଏ ?

(A) ଅର୍ଦ୍ଧ ବେକାରୀ
(B) ସଂସ୍ଥାନୀୟ ବେକାରୀ
(C) ପ୍ରାବିଧିକ ବେକାରୀ
(D) ପ୍ରଚ୍ଛନ୍ନ ବେକାରୀ

What is the unemployment caused due to lack of capital called ?

(A) Underemployment
(B) Institutional unemployment
(C) Technological unemployment
(D) Disguised unemployment

39. କେଉଁଟି ଉତ୍ପାଦନର ଏକ ମୁଖ୍ୟ ନିୟାମକ ନୁହେଁ ?

(A) ଭୂମି (B) ଉଦ୍ୟୋଗିତା (C) ଇଚ୍ଛାଶକ୍ତି (D) ପୁଞ୍ଜି

Which is not a prime factor of production ?

(A) Land (B) Entrepreneurship

(C) Will power (D) Capital

40. ଶୁଭାରମ୍ଭ ପ୍ରକଳ୍ପଗୁଡ଼ିକ ପାଇଁ ପ୍ରଥମ କେତେ ବର୍ଷର ଲାଭ ଉପରେ ଟିକସ ଛାଡ଼ ବ୍ୟବସ୍ଥା କରାଯାଇଛି ?

(A) ଏକ ବର୍ଷ (B) ଦୁଇ ବର୍ଷ (C) ତିନି ବର୍ଷ (D) ଚାରି ବର୍ଷ

For how many initial years is there the provision of tax exemption against profit for start-ups ?

(A) One year (B) Two years (C) Three years (D) Four years

41. ଇନ୍ଦିରା ଗାନ୍ଧୀ କେନାଲ୍ ଦ୍ୱାରା କେଉଁ ରାଜ୍ୟ ଉପକୃତ ହେଉଛି ?

(A) ପଶ୍ଚିମବଙ୍ଗ (B) ହିମାଚଳ ପ୍ରଦେଶ

(C) ରାଜସ୍ଥାନ (D) ହରିୟାଣା

Which state is being benefitted due to Indira Gandhi Canal ?

(A) West Bengal (B) Himachal Pradesh

(C) Rajasthan (D) Haryana

42. ନିମ୍ନୋକ୍ତ କେଉଁ ରାଜ୍ୟରେ ଝରଣା ଜଳକୁ ବାଉଁଶ ନଳା ସାହାଯ୍ୟରେ ସଂଗ୍ରହ କରାଯାଇଥାଏ ?

(A) ମେଘାଳୟ (B) ମିଜୋରାମ (C) ଓଡ଼ିଶା (D) ଛତିଶଗଡ଼

In which of the following states is the stream water being collected through bamboo pipe ?

(A) Meghalaya (B) Mizoram (C) Odisha (D) Chhattisgarh

43. କେଉଁ ଲୁହାପଥର ବିଦ୍ୟୁତ୍ ଶିଳ୍ପରେ ବ୍ୟବହୃତ ହୋଇଥାଏ ?

(A) ହେମାଟାଇଟ୍ (B) ମାଗ୍ନେଟାଇଟ୍ (C) ଲିମୋନାଇଟ୍ (D) ସାଇଡେରାଇଟ୍

Which iron ore is used in electrical industry ?

(A) Haematite (B) Magnetite (C) Limonite (D) Siderite

44. ରାଣୀଗଞ୍ଜ : ପଶ୍ଚିମବଙ୍ଗ : : ସିଙ୍ଗ୍ରଉଲି : ..........

(A) ଝାଡ଼ଖଣ୍ଡ (B) ମଧ୍ୟ ପ୍ରଦେଶ (C) ଓଡ଼ିଶା (D) ବିହାର

Raniganj : West Bengal : : Singrauli : ..........

(A) Jharkhand (B) Madhya Pradesh

(C) Odisha (D) Bihar

45. ପବନଶକ୍ତି ସୃଷ୍ଟିପାଇଁ ପବନର ବେଗ ଅତି କମ୍‌ରେ କେତେ ହେବା ଆବଶ୍ୟକ ?

(A) ୫ କିମି/ଘଣ୍ଟା (B) ୧୦ କିମି/ଘଣ୍ଟା (C) ୧୧ କିମି/ଘଣ୍ଟା (D) ୧୫ କିମି/ଘଣ୍ଟା

What is the minimum speed of wind to generate wind energy ?

(A) 5 km/hr (B) 10 km/hr (C) 11 km/hr (D) 15 km/hr

46. ସମ୍ବଳ ବିନିଯୋଗର ଆବଶ୍ୟକତାସହ ଆଗାମୀ ବଂଶଧରଙ୍କପାଇଁ ସେଗୁଡ଼ିକର ସଂରକ୍ଷଣ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ କ'ଣ କୁହାଯାଏ ?

(A) ଧାରଣୀୟ ବିକାଶ (B) ଜୈବ ବିବିଧତାର ସଂରକ୍ଷଣ

(C) ବନ୍ୟଜନ୍ତୁ ସଂରକ୍ଷଣ (D) ଗୁଣାତ୍ମକ ବିକାଶ

What is the term used for maintaining balance between necessity of the resource utilisation and conserving the same for future generation ?

(A) Sustainable development (B) Conservation of Bio-diversity

(C) Wildlife conservation (D) Qualitative development

47. ଜାତୀୟ ଅରଣ୍ୟ ନୀତି ଅନୁସାରେ ଦେଶର ଶତକଡ଼ା କେତେ ଭାଗ ଭୂମିରେ ଅରଣ୍ୟ ରହିବା ଆବଶ୍ୟକ ?

(A) ୩୦ ଭାଗ (B) ୪୨ ଭାଗ (C) ୩୩ ଭାଗ (D) ୪୪ ଭାଗ

As per the National Forest Act, what percentage of country's land should be under forest cover ?

(A) 30 per cent (B) 42 per cent (C) 33 per cent (D) 44 per cent

48. ଭାରତର ଶୁଷ୍କ ଓ ଅର୍ଦ୍ଧଶୁଷ୍କ ଅଞ୍ଚଳରେ କେଉଁ ମୃତ୍ତିକା ଦେଖାଯାଏ ?

(A) ପାର୍ବତ୍ୟ ମୃତ୍ତିକା (B) ମରୁସ୍ଥଳୀ ମୃତ୍ତିକା (C) କୃଷ୍ଣ ମୃତ୍ତିକା (D) ଅରଣ୍ୟ ମୃତ୍ତିକା

Which type of soil is found in arid and semi-arid regions of India ?

(A) Mountain soil (B) Desert soil (C) Black soil (D) Forest soil

49. ଭାରତରେ ବାର୍ଷିକ ହାରାହାରି ୨୫୦ ସେ.ମି.ରୁ ଅଧିକ ବୃଷ୍ଟିପାତ ଅଞ୍ଚଳରେ କେଉଁ ଅରଣ୍ୟ ଦେଖାଯାଏ ?

(A) ଜୁଆରିଆ ଅରଣ୍ୟ (B) ପର୍ଣ୍ଣମୋଚୀ ଅରଣ୍ୟ

(C) ଅର୍ଦ୍ଧ–ଚିରହରିତ୍ ଅରଣ୍ୟ (D) ଚିରହରିତ୍ ଅରଣ୍ୟ

Which type of forest is seen in the regions with average annual rainfall of more than 250 cm in India ?

(A) Tidal forest (B) Deciduous forest

(C) Semi-evergreen forest (D) Evergreen forest

50. ପ୍ରାୟ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କୌଣସି ଜୀବ ଜାତି ଦୃଶ୍ୟମାନ ନ ହେଲେ ତାକୁ କ'ଣ କୁହାଯାଏ ?

(A) ବିପଦ ପ୍ରବଣ ଜାତି (B) ଦୁର୍ଲଭ ଜାତି

(C) ବିପଦଗ୍ରସ୍ତ ଜାତି (D) ବିଲୁପ୍ତ ଜାତି

What term is used for any species those are not seen over the last 50 years ?

(A) Vulnerable species (B) Rare species

(C) Endangered species (D) Extinct species



( Turn ov